# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 7 March - 2025

### News Editor : Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ଆରମ୍ଭ ହେଲା ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ : ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ।

- ରାଜ୍ୟର ବିଭିନ୍ନ ସ୍ଥାନରେ ନବନିର୍ମିତ ୧୪ଟି ଅତ୍ୟାଧୁନିକ ଥାନାର ଆଭାସୀ ମାଧ୍ୟମରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହରିଶ ଟଣ୍ଡନଙ୍କ ନାମ ସୁପାରିଶ ।

ଏବଂ

- ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ଜନଔଷଧୀ ଦିବସ ।

***BBSR***

# ବିଧାନସଭା

ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି । ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଉଭୟ ବିଜେଡି ଏବଂ କଂଗ୍ରେସ ସଦସ୍ୟ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିବାରୁ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨୦ ମିନିଟ୍ ଚାଲିପାରିଥିଲା । ଉଭୟ ବିଜେଡି ଓ କଂଗ୍ରେସର ବିଧାୟକମାନେ ହାତରେ ପ୍ଲାକାର୍ଡ, ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୦ଟା ୩୬ରୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଗୃହ ମୁଲତବୀ ହେବାପରେ ବିଜେଡି ବିଧାୟକମାନେ ବିଧାନସଭା ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିବାବେଳେ କଂଗ୍ରେସ ବିଧାୟକମାନେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ । ପୁନଶ୍ଚ ୧୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ବିରୋଧୀ ସଦସ୍ୟ ପୁଣିଥରେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ଗୃହକୁ ୧୨ଟା ୧୪ ମିନିଟ୍‌ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

***BBSR+Koraput***

# ଥାନା ଗୃହ ଲୋକାର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ୧୪ଟି ନବନିର୍ମିତ ଥାନା ଗୃହକୁ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏଥିରେ ଭୁବନେଶ୍ୱର ନୂଆପଲ୍ଲୀରେ ନବନିର୍ମିତ ଥାନା ଗୃହ, କୋରାପୁଟ ଓ ଶୁଙ୍କିଠାରେ ଆଦର୍ଶ ଥାନା ରହିଛି। ଏହି ଅବସରରେ ପୋଲିସ ଡିଜି ଯୋଗେଶ ଖୁରାନିଆ ଓ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

***HS***

## ରାଜ୍ୟ ପୁଲିସ ଏକାଡେମୀ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଭିବାଦନ ଗ୍ରହଣ କରିଛନ୍ତି। ଅଷ୍ଟମ ବ୍ୟାଚ୍‌ର ୪ ଜଣ ଡିଏସ୍‌ପି ଏବଂ ଦ୍ୱାଦଶ ବ୍ୟାଚ୍‌ର ୧୭୧ ଜଣ ଏସ୍‌ଆଇ ଆଜି ଟ୍ରେନିଂ ଶେଷ କରିଛନ୍ତି। ଉତ୍ସବରେ ପୋଲିସ୍ ଡିଜିଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଯୋଗଦେଇଥିଲେ।

***Desk***

# ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ସୁପ୍ରିମକୋର୍ଟଙ୍କ କଲେଜିୟମ୍ ଜଷ୍ଟିସ୍ ହରିଶ ଟଣ୍ଡନଙ୍କ ନାମ ସୁପାରିଶ କରିଛନ୍ତି। ଜଷ୍ଟିସ୍

ଟଣ୍ଡନ ଏବେ କଲିକତା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି। ୧୯୬୪ ମସିହା ନଭେମ୍ବର ୧୬ ତାରିଖରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ ଟଣ୍ଡନ ୧୯୮୯ ମସିହାରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇ କଲିକତା ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ୨୦୧୦ ମସିହା ଏପ୍ରିଲ ୧୩ ତାରିଖରେ ସେ କଲିକତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ସୂଚନା ଅନୁସାରେ ଗତ ଜାନୁଆରୀ ୧୯ ତାରିଖରେ ଜଷ୍ଟିସ୍ ଚକ୍ରଧାରୀ ସରଣସିଂ ଅବସର ନେବା ପରେ ଜଷ୍ଟିସ୍ ଅରିନ୍ଦମ ସିହ୍ନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

***Desk***

# ସୁଭଦ୍ରା ସହାୟତା ରାଶି

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ଅତିକ୍ରମ କରିବା ପରେ  ମହିଳା ସଶକ୍ତୀକରଣ ପାଇଁ ଆଜି ସନ୍ଧ୍ୟାରେ ସୁଭଦ୍ରା ହିତାଧିକାରୀମାନଙ୍କୁ ‘ଗୋଟିଏ ସୁଭଦ୍ରା, ଗୋଟିଏ ଦୀପ’ ଜାଳିବା ପାଇଁ ଆହ୍ୱାନ ଦେଇଛନ୍ତି। ସୂଚନା ଅନୁସାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଡ଼ା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ପ୍ରଦାନ କରିଥିଲେ।

ଏହି ପର୍ଯ୍ୟାୟରେ ୨ ଲକ୍ଷ ୩୦ ହଜାରରୁ ଅଧିକ ନୂତନ ହିତାଧିକାରୀଙ୍କୁ ୧୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିଭଳି ଆସନ୍ତାକାଲି ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିରେ ହିତାଧିକାରୀମାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ବ୍ରହ୍ମପୁରରେ ଦିଆଯିବ।

***Nabarangpur***

## ଜନଔଷଧୀ ଦିବସ ପାଳିତ

ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦେଉଛନ୍ତି। ଏ ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜନଔଷଧୀ ଦିବସ ପାଳନ କରାଯାଉଛି। ୨୦୦୮ ମସିହା ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନା ଆରମ୍ଭ କରାଯାଇଥିଲା। ଔଷଧର ବଜାର ଦରଠାରୁ ୫୦ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ଦେଶରେ ପ୍ରାୟ ୧୫ ହଜାରରୁ ଅଧିକ ଜନଔଷଧୀ କେନ୍ଦ୍ରଗୁଡ଼ିକ ଜରିଆରେ ଔଷଧ ଯୋଗାଇ ଦିଆଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଜନଔଷଧୀଦ ଦିବସ ଲୋକଙ୍କୁ ସର୍ବୋଚ୍ଚ ଗୁଣାତ୍ମକ ଓ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ଏବଂ ସୁସ୍ଥ ଭାରତ ଗଠନ ଦିଗରେ

ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଜନଔଷଧୀ ମଡେଲ ସାରା ବିଶ୍ୱକୁ ପ୍ରେରଣା ଯୋଗାଉଛି। ଜନଔଷଧୀ ମାଧ୍ୟମରେ ଉଚ୍ଚ ଗୁଣଯୁକ୍ତ ଔଷଧ କମ୍ ମୂଲ୍ୟରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଇପାରୁଛି।

ଏ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜନଔଷଧୀ ପରିଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ଏହାର ମନ୍ତ୍ର ହେଉଛି 'ଅଛି ଭି, ଶସ୍ତି ଭି'। ଏହି ଉପଲକ୍ଷେ ଶ୍ରୀ ନଡ୍‌ଡା ଜନସାଧାରଣଙ୍କୁ ଜନଔଷଧୀ କେନ୍ଦ୍ରର ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଜନଔଷଧୀ ଦିବସ ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ତେନ୍ତୁଳିଖୁଣ୍ଟି ବ୍ଲକର ପରଜା ବାରଙ୍ଗପଦର ଠାରେ ଜନଔଷଧୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଏବଂ ବିଧାୟକ ଗୌରୀଶଙ୍କର ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜନସାଧାରଣ ଜନଔଷଧୀ କେନ୍ଦ୍ରର ଲାଭ ନେବାପାଇଁ ସାଂସଦ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ।

ସାଂସଦ ଓ ବିଧାୟକ ଖାତିଗୁଡ଼ାଠାରେ ଥିବା ଜନଔଷଧୀ କେନ୍ଦ୍ର ପରିଦର୍ଶନ କରିଥିଲେ ।

ବଲାଙ୍ଗୀର ଜିଲ୍ଲା ପାଟନାଗଡ଼ଠାରେ ଜନଔଷଧୀ ଦିବସ ପାଳନ କରାଯାଇଛି । ଏହି ଅବସରରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ରରେ ଉନ୍ନତ ମାନର ଔଷଧ ଉପଲବ୍ଧ ରହିଛି ବୋଲି ସୂଚନା ଦେଇଥିଲେ ।

ଜନଔଷଧୀର ଉପାଦେୟତା ସମ୍ପର୍କରେ କଳାହାଣ୍ଡି ଜିଲ୍ଲାର ଜଣେ ହିତାଧିକାରୀ କହିଛନ୍ତି–

*Puri*

## ଛତିଶା ନିଯୋଗ

ପୁରୀ ଶ୍ରୀମନ୍ଦିରରେ ଆଗାମୀ ଦୋଳଯାତ୍ରା ନୀତିକାନ୍ତିକୁ ଦୃଷ୍ଟିରେ ରଖି ଫଗୁ ଦଶମୀ ଆସନ୍ତା ୯ ତାରିଖଠାରୁ ୧୫ ତାରିଖ ହୋଲି ଉତ୍ସବ ପର୍ଯ୍ୟନ୍ତ ସାତଦିନ ଧରି ରତ୍ନଭଣ୍ଡାର ସଂରକ୍ଷଣ ତଥା ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଛତିଶା ନିଯୋଗ ବୈଠକରେ ମେଣ୍ଢାପୋଡ଼ି ଦୋଳପୂର୍ଣ୍ଣିମା ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି । ଆସନ୍ତା ୧୩ ଓ ୧୪ ତାରିଖ ଦିନ ରାତି ୩ଟାରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତିକାନ୍ତି ଅନୁଷ୍ଠିତ ହେବ । ନୀତିକାନ୍ତି ସମ୍ପାଦନ ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ବ୍ୟବସ୍ଥିତ ଓ ଶୃଙ୍ଖଳିତ ଦର୍ଶନ ନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁମାନଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

***Baragarh/R***

## ଅନ୍ତର୍ଜାତୀୟ ମହିଳା ଦିବସ

ପ୍ରେରଣାଦାୟୀ ମହିଳାମାନଙ୍କ ସଫଳତା, ଅବଦାନ, ସମାଜର ବିକାଶରେ ମହିଳାଙ୍କ ଯୋଗଦାନ ଓ ସମର୍ପଣକୁ ସମ୍ମାନ ଜଣାଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗ ସାହସୀ, ସ୍ୱାବଲମ୍ବୀ ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ମହିଳାଙ୍କ ସଫଳତାର କାହାଣୀ ପ୍ରସ୍ତୁତ କରୁଛି । ଏହି ମର୍ମରେ ଆମ ଭଦ୍ରକ ସମ୍ବାଦଦାତା ଅଶୋକ କୁମାର ନାୟକଙ୍କ ରିପୋର୍ଟ :

***Voice :.........***

***Subarnapur***

## ଆନ୍ତର୍ଜାତିକ ମହିଳା ଦିବସ

ସୁବର୍ଣ୍ଣପୁରଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତିକରଣ ସହ ମହିଳାଙ୍କ ଆର୍ଥିକ ଉନ୍ନତିକୁ ନେଇ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଆହ୍ୱାନ ଦେଇଥିଲେ।

***Nayagarh***

## ନୂଆଗାଁ ବ୍ଲକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ନୂଆଗାଁ କଲେଜ ଛକ ଖେଳପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳବନ୍ତସାମନ୍ତ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ନୂଆଗାଁ ବ୍ଲକରେ କାର୍ଯ୍ୟରତ ଥିବା ଶିକ୍ଷକ ସଂଘ, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା ।